# Akashvani, Sambalpur

## SAMBALPURI NEWS MORNING BULLETIN

## 4 March 2026 - 6.47- 6.52 am.

---

ହୋଲି ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ରଙ୍ଗର ପରବ୍ ହୋଲି । ଗାଁ ନୁ ନେଇକରି ସହର୍‌ତକ୍ ଖୋବ୍ ଉସ୍‌ନାକିଥି ଲୁକେ ହୋଲି ଉତ୍ସବ ମନଉଛନ୍ । ହୋଲି ଉତ୍ସବ୍ ପାଳନ୍ ଆଘୋନୁ ଆଏଜ୍ ସଖାଲୁ ମନ୍ଦିର୍ ମାନ୍‌କେ ଖାସ୍ ପୂଜାପାଠ୍ କରାଯାଉଛେ । ଗଲାକାଏଲ୍ ଚନ୍ଦ୍ରଗ୍ରହଣ୍ ଥିବାର୍‌ନୁ ପଶ୍ଚିମ ଓଡ଼ିଶାର୍ ସବୁ ଜାଗା ନ ପହପହନୁ ଗୁଁଡ଼ିଖାଇ ମନାଯାଇଥିଲା । ତାର୍ ଉତ୍‌ରୁ ଆଏଜ୍ ହୋଲି ଖେଲାଯାଉଛେ । ହୋଲି ପାଳନ୍ ସମିଆଥି ଦୁର୍ଘଟଣା ରୁକ୍‌ବାର୍ ଲାଗି ରାଜ୍ୟ ପୁଲିସ୍ ଆଉ ଅଗ୍ନିଶମ ବିଭାଗ୍ ତର୍‌ଫୁ ବ୍ୟାପକ ପ୍ରସ୍ତୁତି କରାଯାଇଛେ ।

ହୋଲି ଅବ୍‌ସରେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ରାଜ୍ୟପାଲ୍ କହିଛନ୍,

ରଙ୍ଗର୍ ପରବ୍ ହୋଲି ସମ୍‌କର୍ ଜୀବନ୍‌ଥି ସୁଖ୍ ଶାନ୍ତି, ଆନନ୍ଦ ଭରିଦଉ ।
ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ହୋଲି ଅବ୍‌ସରେ ସମ୍‌କର୍ ଭିତ୍‌ରେ ଭାଇଚାରା ଆଉ ସାମାଜିକ୍ ସଦ୍‌ଭାବନା ବର୍‌କସ୍ ହେଉ ବଲି ଆହ୍ୱାନ୍ ଦେଇଛନ୍ ।

ଭୁବ୍‌ନେଶ୍ୱର୍ ରିଂରୋଡ୍ ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଶା ନ ୬ ଥାକିଆ ଗ୍ରୀନ୍‌ଫିଲ୍ଡ କେପିଟାଲ୍ ରିଜିଅନ୍ ରିଂରୋଡ୍ - ଭୁବ୍‌ନେଶ୍ୱର୍ ବାଇପାସ୍ ପ୍ରକଳ୍ପ ନିର୍ମାଣ୍ ଲାଗି ଭାରତୀୟ ରାଜପଥ କର୍ତ୍ତୃପକ୍ଷଙ୍କର୍ ତର୍‌ଫୁ ଲେଟର୍ ଅଫ୍ ଆୱାର୍ଡ଼ ଜାରି କରାଯାଇଛେ । ଇ ପ୍ରକଳ୍ପଥି ୩ ଟା ପ୍ୟାକେଜ୍ ଜରିଏ ରାମେଶ୍ୱର୍‌ନୁ ଟାଙ୍ଗିତକ୍ ଶହେ ୧୧ କିଲୋମିଟର୍ ଲମ୍ବା ରିଂରୋଡ୍ ତିଆର୍ କରାଯିବା । ପ୍ରକଳ୍ପ ମୁଲ୍ ହେବାର୍‌ନୁ ୩୦ ମାସ୍ ଭିତ୍‌ରେ କାମ୍ ସାର୍‌ବାର୍‌କେ ଲକ୍ଷ୍ୟ ରଖାଯାଇଛେ । ଇଥିର୍‌ଲାଗି ୩ ଟା ନିର୍ମାଣ୍ ସଂସ୍ଥାକେ ଦାୟିତ୍ୱ ଦିଆଯାଇଛେ ।

ଓଡ଼ିଶା- ୩ ସ୍ପେଶାଲ୍ ଟ୍ରେନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଦେଇକରି ୩ ଟା ସ୍ପେଶାଲ୍ ଟ୍ରେନ୍ ନିୟମିତ୍ ଚଲାଚଲ୍ କର୍‌ବାର୍‌କେ ରେଲ୍ ମନ୍ତ୍ରଣାଳୟ ତର୍‌ଫୁ ଅନୁମୋଦନ୍ କରାଯାଇଛେ । ରେଲ୍ ମନ୍ତ୍ରଣାଳୟର୍ ସୂଚ୍‌ନା ଅନ୍‌ସାରେ ରାଜ୍ୟ ସର୍‌କାର୍‌ଙ୍କର୍ ଅନୁରୋଧ୍ ଉତ୍‌ରୁ ସାଲିମାର୍-ଭଞ୍ଜପୁର୍ ଏକ୍ସପ୍ରେସ୍ ଟ୍ରେନ୍, ଚର୍ଲାପାଲି - ସାଲିମାର୍ ଅମୃତ୍ ଭାରତ୍ ଏକ୍ସପ୍ରେସ୍ ଟ୍ରେନ୍ ଆଉ ଭଞ୍ଜପୁର୍ -ପୁରୀ ଏକ୍ସପ୍ରେସ୍ ଟ୍ରେନ୍ ଓଡ଼ିଶା ଦେଇକରି ନିୟମିତ୍ ଭାବେ ଚଲାଚଲ୍ କର୍‌ବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇଥିର୍‌ଲାଗି କେନ୍ଦ୍ର ସର୍‌କାର୍‌ଙ୍କୁ ଅନୁରୋଧ୍ କରିଥିଲେ ବଲି ମନ୍ତ୍ରଣାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବିଜେପି ରାଜ୍ୟସଭା ପ୍ରାର୍ଥୀ-ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭାରତୀୟ ଜନତା ପାର୍ଟିର୍ ଦୁହି ରାଜ୍ୟସଭା ପ୍ରାର୍ଥୀ ମନ୍‌ମୋହନ୍ ସାମଲ୍ ଆଉ ସୁଜିତ୍ କୁମାର୍‌ଙ୍କୁ ଶୁଭେଚ୍ଛା ଜନାବାର୍ ସହେତେ ସ୍ୱାଧୀନ୍ ପ୍ରାର୍ଥୀ ଦିଲ୍ଲୀପ୍ ରାୟଙ୍କୁ

ଦଳର୍ ସମର୍ଥନ୍ ଘୋଷ୍ନା କରିଛନ୍ । ଦଳର୍ ସଭାପତି ଶ୍ରୀ ରାୟଙ୍କୁ ସମର୍ଥନ୍ ଦେଇସାରିଛନ୍ । ନିଜର୍ ଶକ୍ତି ବଳେ ଦିଲ୍ଲୀପ୍ ରାୟ ରାଜ୍ୟସଭାକେ ଯିବାର୍ କ୍ଷମତା ରଖିଛନ୍ ବଲି ଗଲାକାଏଲ୍ ସାମ୍ବାଦିକ୍ମାନ୍କୁ ସୂଚ୍ନା ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ଅମିତ୍ ଶାହା-ଓଡ଼ିଶା ଗସ୍ତ ଆର୍ଏନ୍ୟୁ/ ସମ୍ବଲପୁର

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଏବା କାଏଲ୍ଠାନୁ ୨ ଦିନିଆ ଓଡ଼ିଶା ଗସ୍ତଥି ଆସୁଛନ୍ । ଶୁକ୍ରବାର୍ ଦିନ କଟକ୍ ମୁଣ୍ଡୁଲିଠାନେ ଥିବା ସିଆଇଏସ୍ଏଫ୍‌ର ଥାପ୍ନା ଦିବସ୍ ସମାରୋହଥି ଶ୍ରୀ ଶାହା ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ଇତାର୍ ସହେତେ ଭୁବ୍ନେଶ୍ୱର୍ ନ ଜନସଭାକେ ଉଦ୍‌ବୋଧନ୍ ଦେଇକରି ଭିନ୍ ଭିନ୍ ପ୍ରକଳ୍ପର୍ ଶିଳାନ୍ୟାସ୍ ଆଉ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ସ୍ୱରାଷ୍ଟ୍ରମନ୍ତ୍ରୀଙ୍କର୍ ଗସ୍ତକେ ନେଇକରି ପୁଲିସ୍ ପ୍ରଶାସନ୍ ତରଫୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛେ । ମୁଣ୍ଡୁଲି ସମାରୋହ

ସ୍କୁଲ୍‌ର ୫ କିଲୋମିଟର୍ ପରିଧିକେ ନୋ ଫ୍ଲାଇଙ୍ଗ୍ ଜୋନ୍ ଭାବେ ଘୋଷ୍‌ନା କରାଯାଇଛେ ।

ଇଗ୍ନୋ ନାଁଲେଖା ସମିଆ ବଢ଼ଲା        ଆର୍‌ଏନ୍‌ୟୁ/ କଟକ

ଚଲ୍‌ତି ଶିକ୍ଷାବଛରଥି ଇନ୍ଦିରାଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ-ଇଗ୍ନୋ ପାଠ୍ୟକ୍ରମଥି ନାଁ ଲେଖାବାର ସମିଆକେ ଆଏବା ୧୫ ତାରିଖ୍‌ତକ୍ ବଢ଼ାଯାଇଛେ । ଇଚ୍ଛୁକ୍ ଛାତ୍ରଛାତ୍ରୀମାନେ ଭିନ୍ ଭିନ୍ ପାଠ୍ୟକ୍ରମ୍‌ଥି ନାଁ ଲେଖାବାର୍ ଲାଗି ଇଗ୍ନୋର୍ ୱେବ୍‌ସାଇଟ୍ www.ignou.ac.in ଥି ଇ ବାବ୍‌ଦେ ଅଏତ୍‌କା ସୂଚ୍‌ନା ପାଇପାର୍‌ବେ ।

ବିଶ୍ୱ ମେଦ ବହୁଲତା ଦିବସ୍        ଆର୍‌ଏନ୍‌ୟୁ/ କଟକ୍

ମେଦ ବହୁଲତା ଗୁଟେ ରୋଗ୍ ନାଇଁ ହେଲେ ଭିଲ୍ ଇଟା ବହୁତ୍‌ଟେ ରୋଗ୍‌ର କାରଣ୍ ଭାବେ ଚିହ୍ନଟ୍ କରାଯାଇଛେ । ମେଦବହୁଲତାର୍ କାରଣ୍ ଆର୍ ଇତାକେ ନିୟନ୍ତ୍ରଣ୍ କର୍‌ବାର୍ ଲାଗି ଜନସଚେତନତା

ବଢ଼ାବାର୍ ଉଦ୍ଦେଶ୍‌ଥି ଆଏଜ୍ ବିଶ୍ୱ ମେଦ ବହୁଲତା ଦିବସ୍ ପାଲନ୍ କରାଯାଉଛେ । ୨୦୨୦ ମସିହାନୁ ଫି' ବଛର୍ ମାର୍ଚ୍ଚ ୪ ତାରିଖ୍ ଦିନ ଇ ଦିବସ୍ ପାଲନ୍ କରାହେଇଆସୁଛେ । 'କୋଟି କୋଟି ରୋଗ୍‌ର କାରଣ୍ ହେଉଛେ ମେଦବହୁଲତାର୍ ' ହେଉଛେ ଇ ବଛର୍‌ର ବିଷୟବସ୍ତୁ । ବିଶ୍ୱସ୍ତର୍‌ଥି ମେଦବହୁଲତା ସମସ୍ୟାର୍ ମୁକାବିଲାର୍ ଲାଗି ସାମୂହିକ୍ ଆଉ ବ୍ୟବସ୍ଥିତ୍ ପଦକ୍ଷେପ୍ ଦିଗ୍‌କେ ଉଜାଗର୍ କର୍‌ବାର୍ ଲାଗି ଇ ବଛର୍ ଇ ବାର୍ତା ରଖାଯାଇଛେ ।

ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ      କଲାହାଣ୍ଡି ସମ୍ବାଦଦାତା

ମେରା ଯୁବା ଭାରତ୍ କଲାହାଣ୍ଡି ଶାଖା ଆଉ ସିଆର୍‌ପିଏଫ୍‌ର ୬୪ ବାଟାଲିୟନ୍ ତର୍‌ଫୁ ଗଲାକାଏଲ୍ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ୍ ହେଇଯାଇଛେ । ସିଆର୍‌ପିଏଫ୍‌ର ଅଟାଙ୍ଗଗୁଡ଼ା କେମ୍ପ୍ ପରିସର୍ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ବାଟାଲିୟନ୍‌ର କମାଣ୍ଡାଂଟ୍ ଅଜୟ କୁମାର୍, ଡେପୁଟୀ କମାଣ୍ଡାଂଟ୍ ଜିତ୍ ବାହାନ୍ ଓରାନ୍, ସଚ୍ଚିଦାନନ୍ଦ ପାତ୍ରଙ୍କର୍ ସହେତେ ଭିନ୍ ଭିନ୍ ଅଧିକାରୀମାନେ ଉପସ୍ଥିତ୍ ଥିଲେ । କାର୍ଯ୍ୟକ୍ରମ୍ ଉତ୍‌ରୁ ଜିଲ୍ଲାର୍ ଆଦିବାସୀ ଅଧ୍ୟୁଷିତ୍

ମଦନ୍‌ପୁର୍ ରାମ୍‌ପୁର୍ ଆଉ ଭବାନୀପାଟ୍‌ନା ବ୍ଲକ୍‌ର ୪୦ ଝନ୍ ଆଦିବାସୀ ୟୁଆନ୍ ପିଲାଟୁକେଲ୍ କେରଳ ଯାତ୍ରା କରିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ପାଗ୍ ଶୁଖା ରହେବା । ଆଏବା ହପ୍ତେତକ୍ ପାଗ୍ ଏନ୍ତା ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ କରାଯାଇଛେ । ରାଜ୍ୟର୍ ବଡ଼ଭାଗୀ ଜାଗା ନ ଗଲାକାଏଲ୍ ଦିନର୍ ତାପମାତ୍ରା ୩୫ ଡିଗ୍ରୀ ରହିଥିଲା । ଝାରସୁଗୁଡ଼ା ନ ରାଜ୍ୟର୍ ସବୁନୁ ଜହ ଦିନର୍ ତାପମାତ୍ରା ୩୮ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିଲା ।